# NATIONAL NEWS BULLETIN (ODIA)

**31 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତୀୟ ରିଜର୍ଭବ୍ୟାଙ୍କର ବାର୍ଷିକୀ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆସନ୍ତାକାଲି ଯୋଗଦେବେ ରାଷ୍ଟ୍ରପତି
- ଜିଲ୍ଲା ଏବଂ ଗ୍ରାମାଞ୍ଚଳର ଯୁବବର୍ଗ' ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗ ସ୍ଥାପନ ପାଇଁ ଆଗେଇ ଆସିବାକୁ କେନ୍ଦ୍ର ଖଣିମନ୍ତ୍ରୀଙ୍କ ଆହ୍ୱାନ
- ଓଡ଼ିଶାରେ ଆସନ୍ତାକାଲି ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ହେବ ଶୁଭାରମ୍ଭ
- ଆଜି ପାଳନ କରାଯାଉଛି ଇଦ୍-ଉଲ୍-ଫିତର

  – ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲ୍‌କାତା ନାଇଟ୍‌ରାଇଡର୍ସ ମଧ୍ୟରେ ହେବ ମୁକାବିଲା

---

## ପ୍ରେଜ୍-ମୁମ୍ବାଇ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ମୁମ୍ବାଇ ଗସ୍ତରେ ଯିବେ । ସନ୍ଧ୍ୟାରେ ମୁମ୍ବାଇଠାରେ ପହଞ୍ଚି ଆସନ୍ତାକାଲି ଭାରତୀୟ ରିଜର୍ଭ ବ୍ୟାଙ୍କର

୯୦ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖରେ କଟରାରୁ କାଶ୍ମୀରକୁ ଚଳାଚଳ କରିବାକୁ ଥିବା ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ । ଜାମ୍ମୁରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗତକାଲି ଏ ସଂପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ୧୯ ତାରିଖରେ ଉଧମପୁରରେ ପହଞ୍ଚିବେ । ବିଶ୍ୱର ଏହି ସର୍ବୋଚ୍ଚ ରେଳପୋଲ ପରିଦର୍ଶନ କରିବା ସହ ଏହାର ଉଦ୍‌ଘାଟନ କରିବେ । ଏହା ପରେ କଟରାରୁ ବନ୍ଦେ ଭାରତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଜାମ୍ମୁ ଷ୍ଟେସନର ନବୀକରଣ ଚାଲିଥିବାରୁ ଏହି ଟ୍ରେନ୍‌ଟି ପ୍ରଥମେ କଟରାରୁ ଚାଲିବ । ୧୯୯୭ ମସିହାରୁ ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ଏଥିରେ ୩୮ଟି ସୁଡ଼ଙ୍ଗ, ୯୨୭ଟି ପୋଲ, ୧ହଜାର ୩୧୫ ମିଟର ଦୀର୍ଘ ଚେନାବ ବ୍ରିଜ୍ ରହିଛି, ଯାହାକି ଆଇଫେଲ୍ ଟାୱାର ଠାରୁ ଉଚ୍ଚରେ ଅବସ୍ଥିତ । ୨୭୨ କିଲୋମିଟର ଉଧମପୁର-ଶ୍ରୀନଗର-ବାରମୂଲା ଏହି ରେଳ ସଂଯୋଗ ଫଳରେ ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇବା ସହ ଆଞ୍ଚଳିକ ଯୋଗାଯୋଗରେ ଉନ୍ନତି ଆଣିବ ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

## ଜି. କିଷନ ରେଡ୍ଡୀ

କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷାନ ରେଡ୍ଡୀ ଜିଲ୍ଲା ଏବଂ ଗ୍ରାମାଞ୍ଚଳର ଯୁବବର୍ଗ ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗ ସ୍ଥାପନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି । ହାଇଦ୍ରାବାଦଠାରେ ବିକଶିତ ଭାରତ

ଇଣ୍ଟରପ୍ରିନର୍ସ ନେଟୱର୍କ କାର୍ଯ୍ୟାଳୟର ଉଦ୍‌ଘାଟନ କରିବା ପରେ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଯୁବଗୋଷ୍ଠୀଙ୍କୁ ନିଜର ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍ ସ୍ଥାପନ କରିବା ଲାଗି ପ୍ରୋତ୍ସାହିତ କରୁଛନ୍ତି । ଫଳରେ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରାଯିବା ସହ ଅଧିକରୁ ଅଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି ।

**V/O**

ବିକଶିତ ଭାରତ ଇଣ୍ଟରପ୍ରିନର୍ସ ନେଟୱର୍କ ଭଳି ସଂଗଠନ ଯୁବବର୍ଗଙ୍କୁ ସେମାନଙ୍କ ନୂଆ ଉଦ୍ୟୋଗ ଆରମ୍ଭ କରିବା ପାଇଁ ସେମାନଙ୍କୁ ଆବଶ୍ୟକୀୟ ସହାୟତା, ପ୍ରଶିକ୍ଷଣ ଯୋଗାଇ ଦେଉଛନ୍ତି । ସଂସ୍ଥାଗୁଡ଼ିକର ଏପରି ଉଦ୍ୟମ ଯୋଗୁଁ ଯୁବବର୍ଗ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ ଆସ୍ଥା ପ୍ରକଟ କରିଛନ୍ତି ।

---

## ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ସଂଘର୍ଷରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ, ବିଜାପୁର-ଦାନ୍ତେୱାଡ଼ା ସୀମାନ୍ତବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ସୁରକ୍ଷାବାହିନୀ ପକ୍ଷରୁ ନକ୍ସଲ ବିରୋଧୀ ଅପରେସନ ତ୍ୱରାନ୍ୱିତ କରାଯାଇଥିଲା । ଆଜି ସକାଳୁ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା । ସୁରକ୍ଷାକର୍ମୀମାନେ ଘଟଣାସ୍ଥଳରୁ ମାଓବାଦୀର ମୃତଦେହକୁ ଉଦ୍ଧାର କରିଛନ୍ତି । ଏଥିସହିତ ରାଇଫଲ ଏବଂ କେତେକ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି । ସେହି ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

---

# ଆୟୁଷ୍ମାନ ଭାରତ ଯୋଜନା ଲାଗୁ

ଓଡ଼ିଶାରେ ଆସନ୍ତାକାଲି ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ ହେବ। ଏଥିସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ଶୁଭାରମ୍ଭ ହେବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ। ଯାହାକି ରାଜ୍ୟର ୩ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଦୁଇ ସ୍ୱାସ୍ଥ୍ୟ ଯୋଜନାରୁ ଲାଭ ପାଇବେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ଯୋଜନାର ହିତାଧିକାରୀମାନଙ୍କୁ ଗୋଟିଏ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯିବ। ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ବୟସର ପ୍ରାୟ ୨୩ ଲକ୍ଷ ୧୩ ହଜାର ହିତାଧିକାରୀମାନେ ଅଲଗା ଭାବେ ଏକ ସ୍ୱତନ୍ତ୍ର କାର୍ଡ ପାଇବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ। ଅନ୍ୟପକ୍ଷରେ ମହିଳା ହିତାଧିକାରୀମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ବହନ କରିବେ। ଏହି ଦୁଇ ଯୋଜନାର ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଡାକ୍ତରଖାନା ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ଇଦ୍-ପ୍ରେଜ୍-ଭିପି

ସମଗ୍ର ଦେଶରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ଧାର୍ମିକ ଭାବନା ଓ ଉତ୍ସାହର ସହ ଇଦ୍-ଉଲ୍-ଫିତର ପର୍ବ ପାଳନ କରାଯାଉଛି । ପବିତ୍ର ରମଜାନ ମାସର ସମାପନ ଅବସରରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଇଦ୍‌ଗାହ ଏବଂ ମସ୍‌ଜିଦ ଗୁଡ଼ିକରେ ନମାଜ ପାଠ କରାଯାଉଛି ।  ସେମାନେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି । ଦିଲ୍ଲୀର ଜାମା ମସ୍‌ଜିଦ୍, ଫତେପୁର ମସ୍‌ଜିଦ୍, ସାହି ଇଦ୍‌ଗାହ ଆଦିରେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଉତ୍ତରପ୍ରଦେଶରେ କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ନିମନ୍ତେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଜ୍ୟର ପ୍ରମୁଖ ସ୍ଥାନଗୁଡ଼ିକରେ ପୋଲିସ୍ ବାହିନୀ ମୁତୟନ କରାଯାଇଛି । ଲକ୍ଷ୍ନୌ ପୋଲିସ ପକ୍ଷରୁ ବିଶୃଙ୍ଖଳା ନିୟନ୍ତ୍ରଣ ଏବଂ ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ସ୍ୱତନ୍ତ୍ର ଏଆଇ ଡ୍ରୋନ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ ତାଙ୍କ ବାର୍ତ୍ତାରେ, ଏହି ପର୍ବ ଭାଇଚାରା, ସହଯୋଗ ଏବଂ କରୁଣାର ଭାବନାକୁ ସୁଦୃଢ଼ କରିଥାଏ ବୋଲି କହିଛନ୍ତି । ଶାନ୍ତି, ପ୍ରଗତି ଏବଂ ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିବା ଲାଗି ଏହି ପର୍ବ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଆଶା ବ୍ୟକ୍ତ କରିଛନ୍ତି ।

ସେହିପରି ଉପରାଷ୍ଟ୍ରପତି  ଜଗଦୀପ ଧନଖଡ଼ ଶୁଭେଚ୍ଛା ଜଣାଇ ସାଂସ୍କୃତିକ ବିବିଧତା ଏବଂ ମିଳିତ ଭାବେ ଆନ୍ତରିକ ବନ୍ଧନର ସହ ବସବାସ କରିବା ଲାଗି ଏହି ପର୍ବ ପ୍ରେରଣା ଯୋଗାଇଥାଏ ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଦ୍-ଉଲ୍-ଫିତର ଅବସରରେ ମୁସଲମାନ ସଂପ୍ରଦାୟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ସମାଜରେ ଏହି ପର୍ବ ଆସ୍ଥା, ସଂହତି ଏବଂ ଦୟା ମନୋଭାବ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି । ସେ ସମସ୍ତଙ୍କର କାର୍ଯ୍ୟରେ ସଫଳତା  କାମନା କରିଛନ୍ତି ।

# ଅପରେସନ ବ୍ରହ୍ମା

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏନ୍‌ଡିଆରଏଫ୍ ଦଳ ଭୂକମ୍ପ ପ୍ରଭାବିତ ମ୍ୟାଁମାରର ଉଲଥେନ୍ ମଠରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ସେଠାରେ ୧୭୦ ଜଣ ବୌଦ୍ଧଭିକ୍ଷୁ ଫସିରହିଥିବା ସୂଚନା ମିଳିଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସେନା ଦଳ ଆଜି ଚିକିତ୍ସାଳୟ ଗୁଡ଼ିକୁ ଯିବେ ଏବଂ ଆସନ୍ତାକାଲିଠାରୁ ଆହତ ଲୋକମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବେ । ଅପରେସନ ବ୍ରହ୍ମା ଅଂଶ ସ୍ୱରୂପ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମ୍ୟାଁମାରର ସ୍କାଏଭିଲା ଅଞ୍ଚଳରେ ଏନ୍‌ଡିଆରଏଫ୍ ଦଳକୁ ମୁତୟନ କରିଛି । ସେଠାରେ ୧୧ ମହଲା ବିଶିଷ୍ଟ ୪ଟି ଟାୱାର ଭୁଶୁଡ଼ି ପଡ଼ିଛି । ମ୍ୟାଁମାରର ମହାନାୟକ କମିଟିକୁ ରିଲିଫ୍ ସାମଗ୍ରୀ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉଛି । ସେଠାରେ ଥିବା ମଠଗୁଡ଼ିକ ବାହାରେ ୨

ହଜାରରୁ ଊର୍ଦ୍ଧ୍ୱ ବୌଦ୍ଧଭିକ୍ଷୁ ରହିଥିବା ଜଣାଯାଇଛି ମ୍ୟାଁମାରରେ ବସବାସ କରୁଥିବା ଭାରତୀୟମାନଙ୍କୁ ବାସସ୍ଥାନ ଏବଂ ଖାଦ୍ୟ ସାମଗ୍ରୀ ଯୋଗାଇଦେବା ଲାଗି ଭାରତ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପୋଷଣ ଅଭିଯାନ ଜରିଆରେ ପୁଷ୍ଟିହୀନତାର ମୁକାବିଲା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏମ୍ସ୍ ନୂଆଦିଲ୍ଲୀର ଶିଶୁ ଅସ୍ତ୍ରୋପଚାର ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଅଜୟ ବର୍ମା ଏବଂ ଖାଦ୍ୟ ବିଶେଷଜ୍ଞ ଡାକ୍ତର ରିଚା ଜୟଶ୍ୱାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ୯ଟା ୩୦ ମିନିଟ୍ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ ।

---

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲ୍କାତା ନାଇଟ୍ରାଇଡର୍ସ ମଧ୍ୟରେ ମୁକାବିଲା ହେବ । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମଠାରେ ସନ୍ଧ୍ୟା ସାଢ଼େ୭ଟାରୁ ଏହି ମ୍ୟାଚ୍ ଖେଳାଯିବ । ଗତକାଲି

ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ' ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା ।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ରନ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା । ଗୁଆହାଟୀର ବର୍ଷାପାରା କ୍ରିକେଟ ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ରନ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ହରାଇ ଦେଇଛି । ଚେନ୍ନାଇ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ଓ୍ୱିକେଟ୍ ବିନିମୟରେ ୧୮୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ନୀତିଶ ରାଣା ୩୬ଟି ବଲ୍‌ରୁ ୮୧ ରନ୍ ସଂଗ୍ରହ କରିଥିଲେ । ୧୮୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ୬ ଓ୍ୱିକେଟ୍ ବିନିମୟରେ ୧୭୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଋତୁରାଜ ଗାଏକ୍ୱାଡ୍ ଦଳ ପକ୍ଷରୁ ସର୍ବାଧିକ ୬୩ ରନ୍ ସଂଗ୍ରହ କରିଥିଲେ । ରାଜସ୍ଥାନ ରୟାଲ୍‌ସର ନୀତେଶ ରାଣାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।